# NATIONAL NEWS BULLETIN (ODIA)
## 8 October - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ହରିଆଣା ବିଧାନସଭା ନିର୍ବାଚନର ଭୋଟ୍ ଗଣତି ଜାରି ରହିଥିବା ବେଳେ ଜାମ୍ମୁ କାଶ୍ମୀର ସମସ୍ତ ଆସନ ପାଇଁ ଫଳାଫଳ ଘୋଷିତ ।

– ବିଜେପି ହରିଆଣାରେ ଆଗେଇଥିବା ବେଳେ ନ୍ୟାସନାଲ୍ କନ୍‌ଫରେନ୍ସ ମେଣ୍ଟ ଜାମ୍ମୁ କାଶ୍ମୀରରେ ଗଠନ କରିବ ସରକାର ।

- ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ଦାଦାସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହେଲେ ବିଶିଷ୍ଟ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀ ।

- ୨୦୨୪ ପଦାର୍ଥ ବିଜ୍ଞାନ ପାଇଁ ଜନ୍ ଏଚ୍ ହୋପ୍‌ଫିଲ୍ଡ ଏବଂ ଜେଫ୍ରି ଇ. ହିଣ୍ଟନ୍ ପାଇବେ ନୋବେଲ୍ ପୁରସ୍କାର ।

ଏବଂ

- ଆର୍କ୍‌ଟିକ୍ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଫିନ୍‌ଲାଣ୍ଡ ଠାରେ ଆରମ୍ଭ ।

## ଭୋଟ୍ ଗଣତି

ହରିଆଣା ବିଧାନସଭା ନିର୍ବାଚନର ଭୋଟ୍ ଗଣତି ଜାରି ରହିଥିବା ବେଳେ ଜାମ୍ମୁ କାଶ୍ମୀର ଭୋଟ୍ ଗଣତି ଶେଷ ହୋଇଛି । ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭାର ୭୯ଟି ଆସନର ଫଳାଫଳ ଘୋଷିତ ହୋଇଛି । ବିଜେପି ୪୧ଟି ଆସନରେ ବିଜୟ ଲାଭ କରିଥିବା ବେଳେ ୭ଟିରେ ଆଗୁଆ ରହିଛି । କଂଗ୍ରେସ ୩୩ଟି ଆସନ ପାଇଥିବା ବେଳେ ୪ଟିରେ ଆଗୁଆ ଅଛି । ଭାରତୀୟ ଜାତୀୟ ଲୋକଦଳ ୨ଟି ଆସନ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ୩ଟି ଆସନରେ ବିଜୟୀ ହୋଇଛନ୍ତି ।

ବିଜେପି ନେତା ତଥା ମୁଖ୍ୟମନ୍ତ୍ରୀ ନାୟବ୍ ସିଂହ ସାଇନି ଲଡ୍ୱା ଆସନରୁ ବିଜୟୀ ହୋଇଥିବା ବେଳେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂହ ହୁଦା ରୋହତଗ୍ ଜିଲ୍ଲାର ଗରହି ସାମ୍ପଲା କିଲୋଇ ଆସନରୁ ବିଜୟୀ ହୋଇଛନ୍ତି । କଂଗ୍ରେସ ଦଳ ପକ୍ଷରୁ ଝୁଲଣ ଆସନରୁ ନିର୍ବାଚନ ଲଢୁଥିବା କୁସ୍ତି ଯୋଦ୍ଧା ଭିନେଶ ଫୋଗତ ବିଜୟୀ ହୋଇଛନ୍ତି । ବିଜେପି ଦଳର ନିଖିଲ ମଦନ ସୋନିପଥ ଆସନରୁ ବିଜୟୀ

ହୋଇଥିବା ବେଳେ ହରିଆଣା ବିଧାନସଭାର ମନ୍ତ୍ରୀ ଥିବା ମୁଲଚାନ୍ଦ ଶର୍ମା ବଲ୍ଲଭଗଡ଼ ଆସନରୁ ଆଗୁଆ ଅଛନ୍ତି । ଗନଉର୍ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ର କଦ୍ୟାନ୍ ବିଜୟୀ ହୋଇଛନ୍ତି ।

ଜାମ୍ମୁ କାଶ୍ମୀର ବିଧାନସଭା ଆସନରେ ନ୍ୟାସନାଲ୍ କନ୍‌ଫରେନ୍ସ ୪୨ଟି ସିଟ୍‌ରେ ବିଜୟୀ ହୋଇଥିବା ବେଳେ ବିଜେପି ୨୯ଟି ସିଟ୍ ହାସଲ କରିଛି । କଂଗ୍ରେସ ୬ଟି, ଜାମ୍ମୁ କାଶ୍ମୀର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୩ଟି ଜାମ୍ମୁ କାଶ୍ମୀର ପିପୁଲ୍ସ କନ୍‌ଫରେନ୍ସ, ସି.ପି.ଆଇ.ଏମ୍. ଏବଂ ଆମ୍ ଆଦମୀ ପାର୍ଟି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ୭ଟି ଆସନକୁ ସ୍ୱାଧୀନ ପ୍ରାର୍ଥୀ ଅକ୍ତିଆର କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ୨ଟି ଯାକ ବିଧାନସଭା ଆସନ ବୁଢ଼ଗାଓଁ ଏବଂ ଗନ୍ଦେରବାଲରୁ ବିଜୟୀ ହୋଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ଗୁଲାମ୍ ମହମ୍ମଦ ମୀର୍ ଦୋରୁ ଆସନରୁ ବିଜୟୀ ହୋଇଛନ୍ତି । ପି.ଡି.ପି. ମୁଖ୍ୟ ମେହେବୁବା ମୁଫ୍‌ତୀଙ୍କ ଝିଅ ଇଲ୍‌ତିଜା ମୁଫ୍‌ତୀ ନିର୍ବାଚନରେ ହାରି ଯାଇଛନ୍ତି ।

## ନିର୍ବାଚନ ଫଳାଫଳ ପ୍ରତିକ୍ରିୟା

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନରେ ବିଜୟ ପରେ ନ୍ୟାସନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି, ଜାମ୍ମୁ କାଶ୍ମୀର ବାସୀ

ଆଶା ଓ ସମୃଦ୍ଧି ପାଇଁ ଭୋଟ୍ ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଅବଦୁଲ୍ଲା କହିଛନ୍ତି, ମେଣ୍ଟ ସହଯୋଗୀଙ୍କ ସହ ବୈଠକ କରି ଆଗାମୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ଅନ୍ୟ ପକ୍ଷରେ ନ୍ୟାସନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ଶ୍ରୀନଗର ଠାରେ ନୂଆ ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ହେବେ ବୋଲି ଘୋଷଣା କରିଛନ୍ତି ।

ପି.ଡି.ପି. ଅଧ୍ୟକ୍ଷ ମେହେବୁବା ମୁଫ୍‌ତୀ ପରାଜୟକୁ ସ୍ୱୀକାର କରି କହିଛନ୍ତି, ଜାମ୍ମୁ କାଶ୍ମୀର ବାସୀ ଏକ ସ୍ଥିର ସରକାର ସପକ୍ଷରେ ଭୋଟ୍ ଦେଇଛନ୍ତି । ସେମାନେ ନ୍ୟାସନାଲ୍ କନ୍‌ଫରେନ୍ସ ଏବଂ କଂଗ୍ରେସ ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି ।

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ଠାରେ ଆଜି ୨୦୨୨ ବର୍ଷ ପାଇଁ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିଛନ୍ତି । ସିନେମା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଦାଦାସାହେବ ଫାଲ୍‌କେ ପୁରସ୍କାରରେ ବିଶିଷ୍ଟ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ସମ୍ମାନିତ କରାଯାଇଛି । ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ପୁରସ୍କୃତ ଚଳଚ୍ଚିତ୍ର ଗୁଡ଼ିକ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏହି ସମାରୋହରେ ଯୋଗଦେଇଥିଲେ । ପ୍ରତିଭା ବିକାଶ, ଭିତ୍ତିଭୂମି ଏବଂ ସରଳୀକରଣ ଭଳି ତ୍ରିମୁଖୀ ଆଭିମୁଖ୍ୟ ନେଇ ଚଳଚ୍ଚିତ୍ର ଶିଳ୍ପର ବିକାଶ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ସାମୂହିକ ପ୍ରୟାସ ଦ୍ୱାରା ଭାରତୀୟ ସିନେମା ତାର ପ୍ରଭାବ ବିସ୍ତାର କରିପାରୁଛି ବୋଲି ସେ କହିଛନ୍ତି । ପୁରସ୍କୃତ ହୋଇଥିବା ଚଳଚ୍ଚିତ୍ର ଗୁଡ଼ିକ ମହାମାରୀ ସମୟରେ ଆରମ୍ଭ ହୋଇଥିଲା ଏବଂ ଆମ ସମାଜ ଓ ଦେଶର ସ୍ଥିରତାକୁ ପ୍ରଦର୍ଶନ କରିଛି । ନୂତନ ଭାବେ ନିର୍ଦ୍ଦେଶନା ଦେଇଥିବା ୯ ଜଣ ବ୍ୟକ୍ତିଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ସମାରୋହରେ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ସ୍ୱାଗତ ଭାଷଣ ପ୍ରଦାନ କରି କହିଛନ୍ତି, ୨୦୨୨ ମସିହା ପାଇଁ ଫିଚର ଫିଲ୍ମ ବର୍ଗରେ ୩୨ଟି ଭିନ୍ନ ଭିନ୍ନ ଭାଷାରେ ମୋଟ୍ ୩୦୯ଟି ଏବଂ ଅଣ-ଫିଚର ବର୍ଗରେ ୧୭ଟି ଭାଷାରେ ୧୨୮ଟି ଚଳଚ୍ଚିତ୍ରକୁ ମନ୍ତ୍ରଣାଳୟ ପକ୍ଷରୁ ମନୋନୀତ କରାଯାଇଥିଲା ।  ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଭାରତୀୟ ସିନେମାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଜାଜୁ କହିଛନ୍ତି ।

ଚଳଚ୍ଚିତ୍ର ସମାଲୋଚକ ଦୀପକ ଦୁଆଙ୍କୁ ଶ୍ରେଷ୍ଠ ସମାଲୋଚକ ପୁରସ୍କାର ବର୍ଗରେ ସ୍ୱର୍ଣ୍ଣକମଳ ପୁରସ୍କାର ପ୍ରଦାନ କରାଯାଇଛି । ରଚନା କ୍ଷେତ୍ରରେ ଅନିରୁଦ୍ଧ ଭଟ୍ଟାଚାର୍ଯ୍ୟ ଏବଂ ପାର୍ଥିବ ଧରଙ୍କୁ 'କିଶୋର କୁମାର ଦ ଅଲ୍ଟିମେଟ୍ ବାୟୋଗ୍ରାଫି' ପୁସ୍ତକ ପାଇଁ ସ୍ୱର୍ଣ୍ଣକମଳ ପୁରସ୍କାର ଦିଆଯାଇଛି ।

ମାଲାୟଲମ ଚଳଚ୍ଚିତ୍ର 'ଆଟମ୍'କୁ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ଏବଂ ସୁରଜ ବଡ଼ଜାତ୍ୟାଙ୍କୁ 'ଉଞ୍ଚାଇ' ଚଳଚ୍ଚିତ୍ର ପାଇଁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି । ଫିଚର ଫିଲ୍ମ ଶ୍ରେଣୀରେ 'ଗୁଲମୋହର'କୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ଏବଂ ଅଣ-ଫିଚର ଫିଲ୍ମ ବର୍ଗରେ ହରିଆଣା ଚଳଚ୍ଚିତ୍ର 'ଫୌଜା'କୁ ଗୀତ ଗୁଡ଼ିକ ପାଇଁ ପୁରସ୍କୃତ କରାଯାଇଛି ।

ସଂଗୀତ ବର୍ଗରେ ଅରିଜିତ ସିଂହଙ୍କୁ ସର୍ବଶ୍ରେଷ୍ଠ ପୁରୁଷ ପାର୍ଶ୍ୱ ଗାୟକ ଏବଂ ବମ୍ବେ ଜୟଶ୍ରୀଙ୍କୁ ସର୍ବଶ୍ରେଷ୍ଠ ଗାୟିକା ଭାବେ ପୁରସ୍କାର ଦିଆଯାଇଛି । ଚଳଚ୍ଚିତ୍ର ଜଗତକୁ ଅବଦାନ ପାଇଁ ପୋନିଇନ୍ ସେଲଭାନ ପ୍ରଥମ ଭାଗ, କେ.ଜି.ଏଫ୍.-୨, ବ୍ରହ୍ମାସ୍ତ୍ର, ଅପରାଜିତ, ଏମୁଥି ପୁଥି, କାବେରୀ ଅର୍ନ୍ତଧାନ, ଦମନ ଓ ବାଗି ଦି ଧୀ ଚଳଚ୍ଚିତ୍ରକୁ ମଧ୍ୟ ସମ୍ମାନିତ କରାଯାଇଛି ।

କନ୍ନଡ଼ ଚଳଚ୍ଚିତ୍ର 'କାନ୍ତାରାରେ ଉଲ୍ଲେଖନୀୟ ଅଭିନୟ ପାଇଁ ରିଶଭ ସେଟ୍ଟୀଙ୍କୁ ସର୍ବଶ୍ରେଷ୍ଠ ଅଭିନେତା ଏବଂ ତାମିଲ୍ ଚଳଚ୍ଚିତ୍ର 'ତିରୁଚିତ୍ରାମ୍ବଲମ୍' ପାଇଁ ନିତ୍ୟା ମେନନ୍‌ଙ୍କୁ ଓ ଗୁଜରାଟୀ ଚଳଚ୍ଚିତ୍ର 'କଚ୍ଛ ଏକ୍ସପ୍ରେସ୍' ପାଇଁ ମାନସୀ ପାରେଖଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଛି ।

## ନୋବେଲ ପୁରସ୍କାର

୨୦୨୪ ପଦାର୍ଥ ବିଜ୍ଞାନ ପାଇଁ ଜନ୍ ଏଚ୍ ହୋପ୍‌ଫିଲ୍ଡ ଏବଂ ଜେଫ୍ରି ଇ. ହିଣ୍ଟନ୍‌ଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବ । କୃତ୍ରିମ ନ୍ୟୁରାଲ୍ ନେଟ୍‌ୱର୍କ ମାଧ୍ୟମରେ ମେସିନ୍ ଲର୍ଣ୍ଣିଂକୁ ସକ୍ଷମ କରିବା ଲାଗି ମୌଳିକ ଉଦ୍ଭାବନ ଏବଂ ଆବିଷ୍କାର ପାଇଁ ଏହି ଦୁଇ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବାକୁ ରୟାଲ୍ ସ୍ୱିଡିସ୍ ଏକାଡେମି ଅଫ୍ ସାଇନ୍ସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଆଧୁନିକ ସମୟର ଶକ୍ତିଶାଳୀ ମେସିନ୍ ଲର୍ଣ୍ଣିଂର ମୂଳଦୁଆ ପ୍ରସ୍ତୁତ କରୁଥିବା ପଦ୍ଧତି ବିକଶିତ କରିବା କ୍ଷେତ୍ରରେ ଏହି ଦୁଇ ବୈଜ୍ଞାନିକ ପଦାର୍ଥ ବିଜ୍ଞାନ ଉପକରଣ ବ୍ୟବହାର କରିଥିଲେ । ଜନ୍ ହୋପ୍‌ଫିଲ୍ଡ ଏକ ଆସୋସିଏଟିଭ୍ ମେମୋରି ସୃଷ୍ଟି କରିଥିଲେ, ଯାହା ଡାଟାରେ ଫଟୋ ଏବଂ ଅନ୍ୟାନ୍ୟ ଢାଞ୍ଚା ଗୁଡ଼ିକ ସଂରକ୍ଷଣ ଓ ପୁନଃ ନିର୍ମାଣ କରିବାରେ ସକ୍ଷମ । ଜେଫ୍ରି ହିଣ୍ଟନ୍‌ଙ୍କ ଆବିଷ୍କୃତ ପଦ୍ଧତି ସ୍ୱୟଂଚାଳିତ ଭାବରେ ଡାଟାରେ ଥିବା ଗୁଣକୁ ଚିହ୍ନଟ କରିବା ସହ ଫଟୋରେ ନିର୍ଦ୍ଦିଷ୍ଟ ଉପାଦାନ ଗୁଡ଼ିକୁ ଚିହ୍ନିବାରେ ସହାୟତା ପ୍ରଦାନ କରିଥାଏ ।

# ଅଟଳ ପେନ୍‌ସନ୍ ଯୋଜନା

ଅଟଳ ପେନ୍‌ସନ୍ ଯୋଜନା – ଏ.ପି.ୱାଇ.ରେ ମୋଟ୍ ପଞ୍ଜିକରଣ ୭ କୋଟି ଅତିକ୍ରମ କରିଛି । ପେନ୍‌ସନ୍ ପାଣ୍ଠି ନିଆମକ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ୫୬ଲକ୍ଷରୁ ଅଧିକ ପଞ୍ଜିକରଣ ହୋଇସାରିଛି । ଏହି ସାମାଜିକ ସୁରକ୍ଷା ଯୋଜନାରେ ଅବଦାନ ଆଧାରରେ ମାସିକ ସର୍ବନିମ୍ନ ୧ ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ପେନ୍‌ସନ୍ ପ୍ରଦାନର ବ୍ୟବସ୍ଥା ରହିଛି । ଅଣସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ସାର୍ବଜନନୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୫ ମସିହାରେ ଅଟଳ ପେନ୍‌ସନ୍ ଯୋଜନାକୁ ପ୍ରଣୟନ କରାଯାଇଥିଲା ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀ–ପାଶୱାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ନେତା ରାମବିଳାଶ ପାଶୱାନ୍‌ଙ୍କ ମୃତ୍ୟୁ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱର୍ଗତଃ ପାଶୱାନ୍ ସମାଜର ଆର୍ଥିକ ଦୁର୍ବଳଶ୍ରେଣୀ ବର୍ଗଙ୍କ ସଶକ୍ତକରଣ କ୍ଷେତ୍ରରେ କାର୍ଯ୍ୟ କରିଥିଲେ । ଦେଶର ବିକାଶ ଦିଗରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ସହଯୋଗ

ପ୍ରଦାନ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ତାଙ୍କ ସହ କାମ କରିବା ସୌଭାଗ୍ୟର ବିଷୟ ଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ତାଙ୍କର ଅନୁପସ୍ଥିତି ଅନୁଭବ କରି ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଜନାଥ-ଜର୍ମାନ ପ୍ରତିପକ୍ଷ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଜର୍ମାନ ପ୍ରତିପକ୍ଷ ବୋରିସ୍ ପିଷ୍ଟୋରିୟସ୍‌ଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିଂହ କହିଛନ୍ତି, ପ୍ରତିରକ୍ଷା ଶିଳ୍ପ ସହଯୋଗ ଏବଂ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଆଲୋଚନାରେ ସ୍ଥାନ ପାଇଥିଲା । ଆକାଶ ଏବଂ ସାମୁଦ୍ରିକ କ୍ଷେତ୍ରରେ ମିଳିତ ଅଭ୍ୟାସ ସମେତ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ସ୍ଥିତି ନେଇ ସମୀକ୍ଷା କରାଯାଇଥିବା ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

## କୋଲକାତା-ଆର୍ ଜି କର

କୋଲକାତା ଆର୍ ଜି କର୍ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ର ବରିଷ୍ଠ ଅଧ୍ୟାପକମାନେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି । କନିଷ୍ଠ ଡାକ୍ତରଙ୍କ ଆମରଣ ଅନଶନ ଆନ୍ଦୋଳନକୁ ସମର୍ଥନ ଜଣାଇ ସେମାନେ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପାଲ ଆଜି ଆର୍ ଜି କର୍ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌ର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା ବୈଠକରେ ସ୍ୱାସ୍ଥ୍ୟ ସଚିବ ଉପସ୍ଥିତ ଥିଲେ ।

## ବ୍ୟାଡ୍‌ମିଣ୍ଟନ୍

ଆର୍କଟିକ୍ ଓପନ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଆଜିଠାରୁ ଫିନ୍‌ଲାଣ୍ଡ ଠାରେ ଆରମ୍ଭ ହୋଇଛି । ପ୍ୟାରିସ୍ ଅଲିମ୍ପିକ୍ସ ପରେ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ମାଧ୍ୟମରେ ବ୍ୟାଡ୍‌ମିଣ୍ଟନ୍ କୋର୍ଟ୍‌କୁ ଫେରୁଛନ୍ତି । ଅନ୍ୟ ଭାରତୀୟ ପ୍ରତିଯୋଗିଙ୍କ ମଧ୍ୟରେ କିଦାମ୍ବୀ ଶ୍ରୀକାନ୍ତ, ଆକର୍ଷି କଶ୍ୟପ୍, କିରଣ ଜର୍ଜ୍ ଏବଂ ମାଲ୍‌ବିକା ବାଂଶୋଦ ଅଂଶଗ୍ରହଣ କରୁଛନ୍ତି । ଚିରାକ୍ ସେଟ୍ଟୀ, ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁ ନାହାନ୍ତି । ଆସନ୍ତା ୧୩ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ ।